**ଆଜିର ମନ୍ତବ୍ୟ**

ଧର୍ମୀୟ ରାଜନୀତି ଦେଶ ପାଇଁ କ୍ଷତିକାରକ। ଭୋଟରମାନେ ପ୍ରତ୍ୟେକ ପ୍ରାର୍ଥୀ ଓ ସେମାନଙ୍କ ଦଳ ବିଷୟରେ ଅବଗତ ହେବା ଜରୁରୀ।

– ଗୁଲାମ ନବୀ ଆଜାଦ, ଡେମୋକ୍ରାଟିକ୍ ଆଜାଦ୍ ପାର୍ଟି ଅଧ୍ୟକ୍ଷ



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବିଡାନାଶୀ ନଈକୂଳ**
**ତୋ'ସଙ୍ଗେ ବସିଲି ପେଣ୍ଡି ବଉଳ**
**ହରାଇଲି ଜାତିକୁଳ।**

ପ୍ରେମ ହେଉଛି ତ୍ୟାଗ, ଭଲ ପାଇବାର ପ୍ରତୀକ। ପ୍ରେମ ମାନେନା ବୟସର ମାପକାଠି କି ଧନୀ ଗରିବର ପ୍ରଭେଦ। ଏହା ହେଉଛି ପବିତ୍ର, ଶାଶ୍ୱତ, ସତ୍ୟ ଆଉ ସନାତନ। ଭଲପାଇବା ଭଳି ପବିତ୍ର ବନ୍ଧନ ଆଗରେ ଜାତି, ସମାଜ, ଧନ, ସମ୍ପତ୍ତି, ପ୍ରତିପତ୍ତି ଏସବୁ ଦେଖାଯାଏନି। ପ୍ରେମ ପାଇଁ ଜାତି, କୁଳ ହରାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବଣ ଦେବତାଙ୍କୁ ପତର ପୂଜା**
**ବାଲିଗିରିଡାକୁ ଚାଉଳ ଭୁଜା।**

ମଣିଷର ଗୁଣ ଏବଂ ବ୍ୟବହାର ହିଁ ତା'ର ଅସଲ ପରିଚୟ ଓ ଯୋଗ୍ୟତା ହୋଇଥାଏ। ଯେଉଁମାନେ ଅନ୍ୟ ପ୍ରତି ଭଦ୍ରୋଚିତ ବ୍ୟବହାର ଦେଖାନ୍ତି, ତାଙ୍କ ପ୍ରତି ଅନ୍ୟମାନେ ମଧ୍ୟ ସେଭଳି ବ୍ୟବହାର ଦେଖାଇଥାନ୍ତି। ଯାହାକୁ ଯେମିତି, ଯେଉଁଠି ଯେମିତି ତାହାହିଁ କରିବା ଠିକ୍। ଅବସ୍ଥା ଦେଖି ବ୍ୟବସ୍ଥା। ଯିଏ ଯେମିତି ବ୍ୟବହାର ପାଇବା ଯୋଗ୍ୟ ତାକୁ ସେମିତି ବ୍ୟବହାର ମିଳିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

ପ୍ରଥମ ପୃଷ୍ଠାରୁ...

## ଶିକ୍ଷକ ଆନ୍ଦୋଳନ...

ଡାକିଥିଲେ। ସେଥିପାଇଁ ଗୃହକୁ ୧୧ଟା ୩୧ରୁ ୧୧ଟା ୪୫ ମିନିଟଯାଏ ମୁଲତବୀ ଘୋଷଣା କରିଦେଇଥିଲେ। ପରେ ପୁଣି ୧୦ ମିନଟ ମୁଲତବୀ ଘୋଷଣା କରାଯାଇଥିଲା। ୧୧ଟା ୫୫ ମିନିଟରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଲେ, ଶିକ୍ଷକଙ୍କ ଆନ୍ଦୋଳନ ବିଷୟରେ ସୋମବାର ଗୃହରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲୁ। ଶିକ୍ଷକଙ୍କ ସହ ଆଲୋଚନା ପାଇଁ ସରକାରଙ୍କୁ ବାଚସ୍ପତି ନିର୍ଦ୍ଦେଶଦେଲେ। ହେଲେ ବାଚସ୍ପତିଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହେଲା ନାହିଁ। ସ୍କୁଲ ଓ ଗଣଶିକ୍ଷା ସଚିବ କହିଲେ, ମୁଁ ନୂଆ କରି ଆସିଛି, ଦାବି ବିଷୟରେ କିଛି ଜାଣିନି। ଶିକ୍ଷକମାନେ ରାତିସାରା ଆନ୍ଦୋଳନରେ ବସିଛନ୍ତି। ରାଜ୍ୟରେ ପାଠପଢ଼ା ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। ପାଠପଢ଼ା ନ ହେଲେ ଏ ରାଜ୍ୟର ଉନ୍ନତି ହୋଇପାରିବ ନାହିଁ। ଶିକ୍ଷକ ଆନ୍ଦୋଳନ ଯୋଗୁ ସାଧାରଣ ଲୋକ ହଇରାଣ ହେବା ସହ ରୋଗୀଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସ ମଧ୍ୟ ଯାଇପାରୁ ନାହିଁ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁବାବୁ ବିଧାନସଭାରେ ଉପସ୍ଥିତ ରହୁଥିଲେ। ଲୋକଙ୍କ ସମସ୍ୟା କଥା ଶୁଣୁଥିଲେ। ମାତ୍ର ତାଙ୍କ ନୀତି ଆଦର୍ଶରେ ଚାଲୁଥିବା ଶାସକ ଦଳର ମୁଖ୍ୟମନ୍ତ୍ରୀ ଗୃହକୁ ଆସୁନାହାନ୍ତି। ସବୁ ମନ୍ତ୍ରୀ ପଦ୍ମପୁର ନିର୍ବାଚନରେ ମାତିଛନ୍ତି। ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ଶିକ୍ଷା ଏକ ମୌଳିକ ଅଧିକାର। ସରକାର ଶିକ୍ଷକ ନିଯୁକ୍ତି କରିବାକୁ ବାଧ୍ୟ। ସରକାର ଚାହୁଁଛନ୍ତି ଶିକ୍ଷାର ବିକାଶ ନ ହେଉ। ଶିକ୍ଷାର ବିକାଶ ନ ହେଲେ ନିର୍ବାଚନ ଜିତିବା ସହଜ ହେବ। ସରକାର ତୁରନ୍ତ ଆଲୋଚନା କରି ସମସ୍ୟା ସମାଧାନ କରନ୍ତୁ ବୋଲି ନରସିଂହ କହିଛନ୍ତି।

ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ କହିଛନ୍ତି, ଶିକ୍ଷକମାନେ ଶୀତକାକରରେ ରାଜରାସ୍ତାରେ ପଡ଼ିରହିଛନ୍ତି। ଆମ କ୍ୱାର୍ଟର୍ସରେ ଜାଗା ନାହିଁ। ପରିସ୍ଥିତି ଅସମ୍ଭାଳ ହେଲାଣି। ବାଚସ୍ପତି ରୁଲିଂ ଦେବା ପରେ ଶିକ୍ଷକ ପ୍ରତିନିଧିଙ୍କ ସହ ଯାହା ଆଲୋଚନା ହୋଇଛି, ତାହା ବିଫଳ ହୋଇଛି। ଆମେ କିଛି ଜାଣିପାରୁ ନାହୁଁ। ତୃତୀୟ ଦିନରେ ଆନ୍ଦୋଳନ ପହଞ୍ଚିଲାଣି। ଶିକ୍ଷା ବିଭାଗ ସଚିବ ଦାବି ବିଷୟରେ ଜାଣିନାହାନ୍ତି। ଶିକ୍ଷାମନ୍ତ୍ରୀ ବିଜେଡିକୁ ଜିତାଇବାକୁ ପଦ୍ମପୁରରେ ଡେରା ପକାଇଛନ୍ତି। ଦଳ ଜିତିଲେ ସେ ଟିକେଟ ପାଇବେ। ଟିକେଟ ପାଇଲେ ପୁଣି ଥରେ ମନ୍ତ୍ରୀ ହେବେ। ସେଇ ଚିନ୍ତାରେ ସେ ଅଛନ୍ତି। ଶିକ୍ଷକଙ୍କ କଥା ପଚାରେ କିଏ। ମିଳିତ ପ୍ରାଥମିକ ମହାସଂଘ ବିଭାଗୀୟ ସଚିବ, ୫-ଟି ସଚିବ, ମୁଖ୍ୟ ଶାସନ ସଚିବଙ୍କୁ ଦାବି ବିଷୟରେ ପୂର୍ବରୁ ଜଣାଇଛନ୍ତି। ତଥାପି ସରକାର ସେମାନଙ୍କ ଦାବି ବିଷୟରେ ଜାଣି ପାରୁନାହାନ୍ତି। କ'ଣ ଆଲୋଚନା ହୋଇଛି ଗୃହକୁ ମନ୍ତ୍ରୀ ଜଣାନ୍ତୁ। ନଚେତ୍ ଏ ଗୃହ ଚାଲିପାରିବ ନାହିଁ।

ବିଜେଡି ସଭ୍ୟ ଅମର ପ୍ରସାଦ ଶତପଥୀ କହିଲେ, ରାଜ୍ୟ ସରକାରଙ୍କ ଗଣଶିକ୍ଷା ସଚିବ ଶିକ୍ଷକମାନଙ୍କ ସହ ଆଲୋଚନା କରିଛନ୍ତି। ଆନ୍ଦୋଳନରୁ ରାଜନୈତିକ ଫାଇଦା ଉଠାଇବାକୁ ଉଦ୍ୟମ କରାଯାଉଛି। କେନ୍ଦ୍ର ସରକାର ସର୍ବଶିକ୍ଷା ଅଭିଯାନ ଅନୁଦାନକୁ ବନ୍ଦ କରିଦେଇଛନ୍ତି। ରାଜ୍ୟ ସରକାର ପର୍ଯ୍ୟାୟକ୍ରମେ ଶିକ୍ଷକମାନଙ୍କ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେଉଛନ୍ତି। ଆଲୋଚନା ଶେଷ ହୋଇନାହିଁ। ସରକାରଙ୍କ ଦ୍ୱାର ଖୋଲା ରହିଛି। ଆଲୋଚନା ଜରିଆରେ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନିଆଯାଉଛି।

କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି କହିଛନ୍ତି, କେବଳ ଶିକ୍ଷକ ନୁହନ୍ତି, ନର୍ସ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଧାରଣାରେ ବସିଛନ୍ତି। ସମସ୍ତଙ୍କ ସହ ସରକାର ଆଲୋଚନା କରନ୍ତୁ। ଶୀତଦିନରେ ମା' ଭଉଣୀମାନେ ରାଜରାସ୍ତାରେ ଶୋଇଛନ୍ତି। ସେମାନଙ୍କ ସମସ୍ୟା ସମାଧାନ କରା ନ ଗଲେ ଏ ଗୃହ ଚାଲିପାରିବ ନାହିଁ। କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା କହିଲେ, ଶିକ୍ଷା କ୍ଷେତ୍ରରେ ରାଜ୍ୟ ୨୦ ନମ୍ବର ସ୍ଥାନରେ ରହିଛି। କେରଳରେ ୯୬ ପ୍ରତିଶତ ସାକ୍ଷରତା ହାର ଥିବା ବେଳେ ଓଡ଼ିଶାରେ ୭୨ ପ୍ରତିଶତ ରହିଛି। ବିଜେଡିସଦସ୍ୟମାନେ ଶିକ୍ଷକଙ୍କ କଥା କିଛି କହିବେନି, କାରଣ ତାଙ୍କର ଟିକେଟ କଟିଯିବ। ପଦ୍ମପୁରରେ ଶିକ୍ଷାମନ୍ତ୍ରୀ ନିର୍ବାଚନ ପ୍ରଚାର କରୁଛନ୍ତି। ସେଠାରେ ନିର୍ବାଚନ ପକ୍କା ହାରିବେ। ସରକାର ଶିକ୍ଷକଙ୍କ ଦାବି ମାନି ନିଅନ୍ତୁ।

ଭାଜପା ସଭ୍ୟ ଭାସ୍କର ମଢ଼ାଇ କହିଲେ, ଶିକ୍ଷକମାନଙ୍କର ୩ ଦଫା ଦାବି ସରକାର ତୁରନ୍ତ ପୂରଣ କରନ୍ତୁ। ଏହି ସମୟରେ ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପାଟିତୁଣ୍ଡ କଲେ। ବାଚସ୍ପତି କହିଲେ, ଶିକ୍ଷକଙ୍କ ସମସ୍ୟା ଉପରେ ସ୍ୱତନ୍ତ୍ର ଭାବେ ଆଲୋଚନା କରିବାକୁ ସୋମବାର ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଆଲୋଚନା ସମ୍ପର୍କରେ ବିଜ୍ଞାନ ଓ କାରିଗରି ବିଭାଗ ମନ୍ତ୍ରୀ ଅଶୋକ ପଣ୍ଡା କହିବେ ବୋଲି କହିଥିଲେ। ମନ୍ତ୍ରୀ କହିଲେ, ସ୍କୁଲ ଓ ଗଣଶିକ୍ଷା ସଚିବ ୪୫ ମିନିଟ ଧରି ଶିକ୍ଷକ ପ୍ରତିନିଧିଙ୍କ ସହ ଆଲୋଚନା କରିଛନ୍ତି। ଦାବିର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଛି। ବିଭାଗୀୟ ସଚିବ ଦାବି ବିଷୟରେ ଅବଗତ ଅଛନ୍ତି। ଆଲୋଚନା ପାଇଁ ସରକାରଙ୍କ ଦ୍ୱାର ଖୋଲା ରହିଛି। ରାଜ୍ୟର ଆର୍ଥିକ ଅବସ୍ଥାକୁ ଦେଖି ସରକାର ପଦକ୍ଷେପ ନେବେ। ଆଜି ମୁଖ୍ୟ ଶାସନ ସଚିବଙ୍କ ସହ ଦାବି ସମ୍ପର୍କରେ ଆଲୋଚନା ହେବ। ଏହା କହିବା ବେଳେ ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ମାଡ଼ି ଆସି ପ୍ରବଳ ପାଟିତୁଣ୍ଡ କଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ବାଚସ୍ପତି ଗୃହକୁ ୧୨ଟା ୩୬ରୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ତେବେ ଅପରାହ୍ନରେ ମଧ୍ୟ ବିରୋଧୀ ପୁଣି ହଟ୍ଟଗୋଳ କରିଥିଲେ। ପାଟିତୁଣ୍ଡ ଭିତରେ ବିଧାନସଭାରେ ଓଡ଼ିଶା ଜିଲ୍ଲା ଯୋଜନା କମିଟି (ସଂଶୋଧନ) ବିଲ୍-୨୦୨୨ ପାରିତ ହୋଇଥିଲା। ପରିସ୍ଥିତିରେ ସୁଧାର ନ ହେବାରୁ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ୧୩ ମିନିଟରୁ ବୁଧବାର ପୂର୍ବାହ୍ନ ୧୦ଟା ୩୦ ମିନିଟଯାଏ ଗୃହ ମୁଲତବୀ ଘୋଷଣା କରିଥିଲେ।

## ସରକାର-ଶିକ୍ଷକ ସଂଘ...

ଆଲୋଚନା କରି ଦାବି ପୂରଣ ନିମନ୍ତେ ମୁଖ୍ୟ ଶାସନ ସଚିବ ଆମକୁ ସମୟ ମାଗିଥିଲେ, କିନ୍ତୁ କୌଣସି ଲିଖିତ ପ୍ରତିଶ୍ରୁତି ଦେଲେ ନାହିଁ। ତେଣୁ ଆମେ ଆନ୍ଦୋଳନ ଜାରି ରଖିଛୁ। ବୁଧବାର ସରକାରଙ୍କ ପକ୍ଷରୁ ଆଉ ଥରେ ଆଲୋଚନା ହେବାର ସମ୍ଭାବନା ରହିଛି। ଯଦି ଆଲୋଚନା ସଫଳ ନ ହୁଏ କିମ୍ବା ଆଲୋଚନା ନ ହୁଏ, ତେବେ ସଂଘ ବୁଧବାର ପରବର୍ତ୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ ନିଷ୍ପତ୍ତି ନେବ। ସେପଟେ ହଜାର ହଜାର ଶିକ୍ଷକ ରାଜଧାନୀରେ ଆନ୍ଦୋଳନରେ ସାମିଲ ଥିବାରୁ ସାରା ରାଜ୍ୟରେ ଥିବା ୫୫ହଜାର ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ା ବ୍ୟାହତ ହୋଇଛି। ଏପରିକି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଆସନ୍ତା ସପ୍ତାହରେ ଅର୍ଦ୍ଧବାର୍ଷିକୀ ପରୀକ୍ଷା ହେବାର ଥିଲା। ତାହା ହେବ କି ନାହିଁ ସ୍ପଷ୍ଟ ହୋଇନାହିଁ। ଏ ସମ୍ପର୍କରେ ବିଭୁ ପ୍ରସାଦ କହିଛନ୍ତି, ପିଲାଙ୍କ ପାଠପଢ଼ା ବ୍ୟାହତ ହେଉଥିବାରୁ ଆମେ ଦୁଃଖିତ। କିନ୍ତୁ ଆମେ ଆମର ନ୍ୟାଯ୍ୟ ଦାବି ପାଇଁ ଏଠି ରାସ୍ତାରେ ଆନ୍ଦୋଳନ କରୁଛୁ। ସରକାର ତୁରନ୍ତ ଆମ ଦାବି ଏବଂ ପିଲାଙ୍କ ଭବିଷ୍ୟତ ସମ୍ପର୍କରେ ଚିନ୍ତା କରି ପଦକ୍ଷେପ ଗ୍ରହଣ କରନ୍ତୁ। ନଚେତ୍ ଆଗକୁ ସ୍ଥିତି ଭୟଙ୍କର ହୋଇପାରେ। ସରକାର ଆମ ଦାବି ଶୁଣିଲେ ଆମେ ଆନ୍ଦୋଳନ ପ୍ରତ୍ୟାହର କରିବୁ। ଏଥିସହିତ ଆବଶ୍ୟକ ପଡ଼ିଲେ ପିଲାଙ୍କ ଶିକ୍ଷାଦାନରେ ଯେଉଁ କ୍ଷତି ହୋଇଛି, ତା'ପାଇଁ ପ୍ରତିଦିନ ଅତିରିକ୍ତ ଏକଘଣ୍ଟା କ୍ଲାସ୍ କରିବୁ। ନଚେତ୍ ଛୁଟିଦିନରେ ତାହାକୁ ଭରଣା କରିବାକୁ ମନସ୍ଥ କରିଛୁ ବୋଲି ବିଭୁ ପ୍ରସାଦ କହିଛନ୍ତି।

## ମିଶନ ଶକ୍ତି...

ଏହି ନିଷ୍ପତ୍ତି ସେମାନଙ୍କୁ ସଶକ୍ତ କରିବା ସହ ସ୍ଥାନୀୟ ଅର୍ଥନୀତିକୁ ପ୍ରୋତ୍ସାହିତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ଆଗାମୀ ୫ ବର୍ଷ ମଧ୍ୟରେ ମିଶନ ଶକ୍ତି ଗୋଷ୍ଠୀଗୁଡ଼ିକୁ ପ୍ରାୟ ୫୦ ହଜାର କୋଟି ଟଙ୍କାର ଋଣ ଯୋଗାଇ ଦେବାପାଇଁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରତିଶ୍ରୁତି ଅନୁଯାୟୀ, ରାଜ୍ୟ ସରକାର ମିଶନ ଶକ୍ତିଗୁଡ଼ିକୁ ଗତ ୩ ବର୍ଷରେ ସରକାରୀ ଭାବରେ ୪୦୦୦ କୋଟି ଟଙ୍କାର ବ୍ୟବସାୟ ଯୋଗାଇ ଦେଇଛନ୍ତି। ଏଥିସହିତ ଗତ ୫ ବର୍ଷରେ ମିଶନ ଶକ୍ତି ଗୋଷ୍ଠୀଗୁଡ଼ିକୁ ୧୭ ହଜାର କୋଟିରୁ ଅଧିକ ଟଙ୍କାର ଋଣ ଯୋଗାଇ ଦିଆଯାଇଛି।



ସର୍ବନିମ୍ନ ୧୮ ହଜାର ଟଙ୍କା ମାସିକ ବେତନ ପ୍ରଦାନ ଏବଂ ଅନ୍ୟାନ୍ୟ ଦାବିରେ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘର ବିଶାଳ ସମାବେଶ ଓ ଧାରଣା।

# ୧୮ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର

### ପୁଞ୍ଜିନିବେଶକାରୀଙ୍କ ଉପରେ ଫୋକସ

ଭୁବନେଶ୍ୱର,୨୯।୧୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅପରାହ୍ନରେ ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବୁଧବାର ମେକ୍ ଇନ୍ ଓଡ଼ିଶାର ତୃତୀୟ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ଏହା ପୂର୍ବରୁ ରାଜ୍ୟ ସରକାର ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବା ଲାଗି କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଏହାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଥିବା ସୂଚନା ମିଳିଛି। ତେବେ ବିଧାନସଭା ଚାଲିଥିବାରୁ କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ କୌଣସି ସୂଚନା ଦିଆଯାଇ ନାହିଁ। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କ୍ୟାବିନେଟ୍‌ରେ ମୋଟ ୧୮ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଏ ସମସ୍ତ ପ୍ରସ୍ତାବ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭକୁ ଦୃଷ୍ଟିରେ ରଖି କରାଯାଇଛି। ଶିଳ୍ପ, ସ୍ୱାସ୍ଥ୍ୟ, ଏମ୍‌ଏସ୍‌ଏମ୍‌ଇ, କୃଷି, ନଗର ଉନ୍ନୟନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ପଞ୍ଚାୟତିରାଜ ବିଭାଗ, ଶକ୍ତି ବିଭାଗ, ସୂଚନା ଓ ପ୍ରଯୁକ୍ତି ବିଭାଗର ବିଭିନ୍ନ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ସୌରଶକ୍ତି ନୀତି, ଶିଳ୍ପ ନୀତି, ଖାଦ୍ୟ ପ୍ରକ୍ରିୟାକରଣ ଆଦି କ୍ଷେତ୍ରରେ ପ୍ରୋତ୍ସାହନ ବ୍ୟବସ୍ଥାକୁ ସରଳୀକରଣ କରାଯାଇଥିବା ସୂଚନା ମିଳିଛି।

# 'ପ୍ରୟୋଗାତ୍ମକ ସାହିତ୍ୟର ପ୍ରମୁଖ ଭୂମିକା ରହିଛି'





ପୁସ୍ତକ ମେଳାର ୪ର୍ଥ ସନ୍ଧ୍ୟାରେ ଉପସ୍ଥିତ ଅତିଥିମାନେ।

### ଭଦ୍ରକ ପୁସ୍ତକ ମେଳାର ୪ର୍ଥ ସନ୍ଧ୍ୟା

ଭଦ୍ରକ ଅଫିସ,୨୯।୧୧

ରାଷ୍ଟ୍ର ନିର୍ମାଣ, ସଭ୍ୟତା ପରିବର୍ତ୍ତନ ଓ ମାନବ ଜାତିର ବିକାଶ ଲାଗି ଚେତନାର ଉତ୍ତରଣ ହେବା ଆବଶ୍ୟକ। ସମ୍ପ୍ରତି ପ୍ରୟୋଗାତ୍ମକ ସାହିତ୍ୟର ପ୍ରମୁଖ ଭୂମିକା ରହିଛି ବୋଲି ମନମୋହନ ସଙ୍ଗୀତ ପରିଷଦ ପଡ଼ିଆରେ ଚାଲିଥିବା ୨୨ତମ ଭଦ୍ରକ ପୁସ୍ତକ ମେଳାର ଚତୁର୍ଥ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବାସୁଦେବ ବାରିକ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଭଦ୍ରକ ଜିଲା ଭୂ-ଅର୍ଜନ ଅଧିକାରୀ କାର୍ତ୍ତିକନାଥ ମଣ୍ଡଳ, କଥାକାର ନିତ୍ୟାନନ୍ଦ ମହାପାତ୍ର, ମୁଖ୍ୟବକ୍ତା ପ୍ରଫେସର ରାଜକିଶୋର ସାହୁ, ବରେଣ୍ୟ ବକ୍ତା ଇଂ. ଅଭୟ ସୂତାର, ବରେଣ୍ୟ ଅତିଥି ଭାବେ ବରିଷ୍ଠ ଚିକିତ୍ସକ ଡା. ପ୍ରଦୀପ ନାୟକ ଓ ପ୍ରାଧ୍ୟାପିକା ଡ. ରାଧାରାଣୀ ମହାପାତ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ ଓ ଅଧିବକ୍ତା ଗଦାଧର ବଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶ୍ରୀହର୍ଷ ସ୍ୱାଇଁ, କବି ପ୍ରଦୀପ୍ତ ମହାନ୍ତି, ପ୍ରାଧ୍ୟାପକ ଗୋଲକ ବିହାରୀ ସାହୁ, ମନୋଜ କୁମାର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୭ ଅଭିଯୁକ୍ତଙ୍କୁ...

ଦଫା ନଂ. ୩୦୨/୩୭୬/୩୭୬(ଡି)ରେ ମାମଲା (ନଂ. ୧୮୩/୧୪) ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ଘଟଣାରେ ଉପରୋକ୍ତ ୪ ଅଭିଯୁକ୍ତମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ୮ ବର୍ଷ ପରେ ୨୭ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି।

## ଆଜିଠୁ ମେକ୍...

୨୦୧୬ ଏବଂ ୨୦୧୮ରେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ର ସଫଳ ଆୟୋଜନ ପରେ ୨୦୨୨ରେ ହେବାକୁ ଥିବା ୩ୟ ସଂସ୍କରଣର ବ୍ୟାପକ ସଫଳତା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରିଛନ୍ତି। ମନ୍ତ୍ରୀ ପ୍ରତାପ ଦେବ ଏମ୍‌ଆଇଓ ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇ କହିଛନ୍ତି ଯେ କନ୍‌କ୍ଲେଭରେ ଭାଗନେବା ପାଇଁ ଏ ପର୍ଯ୍ୟନ୍ତ ୧୧,୭୦୦ରୁ ଅଧିକ ସଂସ୍ଥା ପଞ୍ଜୀକରଣ କରିଛନ୍ତି। ଏପରିକି ରାଜ୍ୟର ବିକାଶ ପାଇଁ ସରକାର ଏକ ବୃହତ୍ ତଥା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ମଧ୍ୟ ଗ୍ରହଣ କରିଛନ୍ତି। ଗତ ୨ଟି ସଂସ୍କରଣ ତୁଳନାରେ ୩ୟ ସଂସ୍କରଣ ସବୁ ଦୃଷ୍ଟିରୁ ଭଲ ଓ ଫଳପ୍ରଦ ହେବ। କନ୍‌କ୍ଲେଭର ସଫଳ ରୂପାୟନ ପାଇଁ ରାଜ୍ୟ ସରକାରଙ୍କ ୨୨ଟି ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟଭାର ଗ୍ରହଣ କରାଯାଇଛି ବୋଲି ମନ୍ତ୍ରୀ ପ୍ରତାପ ଦେବ କହିଥିଲେ। ଶିଳ୍ପ ସଚିବ ହେମନ୍ତ ଶର୍ମା ଏମ୍‌ଓଆଇର ଆଭିମୁଖ୍ୟ ସାଙ୍ଗକୁ ଏମ୍‌ଆଇଓ ପୋର୍ଟାଲରେ ପ୍ରତିଦିନରେ କାର୍ଯ୍ୟକ୍ରମ, ପ୍ରତିନିଧି ଏବଂ ଅଂଶଗ୍ରହଣକାରୀଙ୍କ ପାଇଁ ସର୍ବଦଳୀୟ ଅଧିବେଶନ, ଥିମେଟିକ୍ ଅଧିବେଶନ, ସେକ୍ଟରାଲ ଅଧିବେଶନ, ସ୍ପିକର ତାଲିକା ସମ୍ବନ୍ଧୀୟ ବିସ୍ତୃତ ବିବରଣୀ ରହିଥିବା କହିଥିଲେ। ଏମ୍‌ଓଆଇ କନ୍‌କ୍ଲେଭ୍-୨୨କୁ ଅଧିକରୁ ଅଧିକ ଲୋକାଭିମୁଖ୍ୟ କରିବା ସହ ଏହାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଗତ ୩ ମାସ ମଧ୍ୟରେ ମୁଖ୍ୟମନ୍ତ୍ରୀ ଦେଶର ପ୍ରମୁଖ ସହର କୋଏମ୍ବାଟୁର, ଜାମଶେଦପୁର, ଅହମ୍ମଦାବାଦ, ଲକ୍ଷ୍ନୌ, ନୂଆଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ ଭଳି ବିଭିନ୍ନ ମେଟ୍ରୋ ସହର ଏବଂ ଦୁବାଇଠାରେ ମଧ୍ୟ ଉକ୍ତ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଉପରୋକ୍ତ ସମସ୍ତ ରୋଡ୍ ଶୋ'ରୁ ବହୁଳ ଭାବେ ସକାରାତ୍ମକ ପ୍ରତିକ୍ରିୟା ପାଇବା ପରେ ଉକ୍ତ କନ୍‌କ୍ଲେଭ କର୍ପୋରେଟ୍ ଇଣ୍ଡିଆରୁ ବହୁଳ ପରିମାଣର ଅଂଶଗ୍ରହଣ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି। କନ୍‌କ୍ଲେଭରେ ଆର୍ସେଲର ମିତ୍ତଲର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଏଲ୍.ଏନ୍. ମିତ୍ତଲ, ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଚେୟାରମ୍ୟାନ କୁମାର ମଙ୍ଗଳମ ବିର୍ଲା, ବେଦାନ୍ତ ରିସୋର୍ସ ଲିମିଟେଡ୍‌ର ଚେୟାରମ୍ୟାନ ଅନିଲ ଅଗ୍ରୱାଲ, ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ସଜନ ଜିନ୍ଦଲ, ଜେଏସ୍‌ପିଏଲ୍‌ର ଚେୟାରମ୍ୟାନ ନବୀନ ଜିନ୍ଦଲ ଏବଂ ଟାଟା ଷ୍ଟିଲ୍‌ର ଏମ୍‌ଡି ତଥା ସିଇଓ ଟି. ଭି. ନରେନ୍ଦ୍ରନ୍‌ଙ୍କ ସମେତ ବହୁ ଜଣାଶୁଣା ଶିଳ୍ପପତି ମଧ୍ୟ ଉକ୍ତ କନ୍‌କ୍ଲେଭରେ ସାମିଲ ହେଉଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ , ଜାପାନ, ନରୱେ ଏବଂ ଜର୍ମାନୀ ଚଳିତ ବର୍ଷର କଣ୍ଟ୍ରି ପାର୍ଟନର ଥିବା ବେଳେ ସେମାନଙ୍କର ପ୍ରତିନିଧିମାନେ ମଧ୍ୟ ଉକ୍ତ ସମାରୋହରେ ଯୋଗଦେବେ ବୋଲି ସୂଚନା ମିଳିଛି। ଖବରଦାତା ସମ୍ମିଳନୀରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ସଚିବ ସଞ୍ଜୟ ସିଂଙ୍କ ସମେତ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।

## କଶ୍ମୀର ଫାଇଲ୍ସ...

ଏହାର ସିନେମାଟିକ୍ (ଚଳଚ୍ଚିତ୍ର ସମ୍ବନ୍ଧୀୟ) ସମୃଦ୍ଧି ଓ ବିବିଧତା ପାଇଁ ଧନ୍ୟବାଦ ଜଣାଉଛି। ଇଣ୍ଟରନ୍ୟାଶନାଲ କମ୍ପିଟିଶନରେ ୧୫ ଫିଲ୍ମ ରହିଥିଲା। ସେଥିରୁ ୧୪ଟି ଫିଲ୍ମର ସିନେମାଟିକ୍ ଗୁଣବତ୍ତା ରହିଛି। ଏହି ଫିଲ୍ମଗୁଡ଼ିକ ଏକ ମହତ୍ୱପୂର୍ଣ୍ଣ ବିତର୍କ ସୃଷ୍ଟି କରିଛନ୍ତି, ଯାହାକି କଳା ଓ ଜୀବନ ପାଇଁ ଅପରିହାର୍ଯ୍ୟ। କିନ୍ତୁ କଶ୍ମୀର ଫାଇଲ୍ସ ଫିଲ୍ମକୁ ନେଇ ଆମେ ସମସ୍ତେ ବିଚଳିତ ଓ ବିସ୍ମିତ। ଆମେ ଏହାକୁ ଏକ ପ୍ରୋପାଗଣ୍ଡା (ପ୍ରଚାର ଅଭିଯାନ) ଅଶ୍ଳୀଳ ଚଳଚ୍ଚିତ୍ର ମନେକରୁଛୁ, ଯାହାକି ଏହି ମର୍ଯ୍ୟାଦାଜନକ ଫିଲ୍ମ ଫେଷ୍ଟିଭାଲର ଏକ କଳାତ୍ମକ ପ୍ରତିଯୋଗିତା ବର୍ଗ ପାଇଁ ଅନୁପଯୁକ୍ତ। ଏହି ଭାବନାକୁ ମଞ୍ଚରେ ଉପସ୍ଥିତ ଥିବା ଅତିଥିମାନଙ୍କ ସହ ଶେୟାର କରିବାରେ ମୁଁ କୌଣସି ଦ୍ୱିଧା ଅନୁଭବ କରୁନାହିଁ ବୋଲି ଲାପିଡ୍ କହିଥିଲେ।

ବିବେକ ଅଗ୍ନିହୋତ୍ରୀଙ୍କ ଦ୍ୱାରା ନିର୍ଦ୍ଦେଶିତ ତଥା ଅନୁପମ ଖେର, ମିଥୁନ ଚକ୍ରବର୍ତ୍ତୀ ଓ ପଲ୍ଲବୀ ଯୋଷୀଙ୍କ ଅଭିନୀତ କଶ୍ମୀର ଫାଇଲ୍ସକୁ ଗତ ସପ୍ତାହରେ 'ପାନୋରାମା' ବର୍ଗରେ ପ୍ରଦର୍ଶନ କରାଯାଇଥିଲା। ୧୯୯୦ ଦଶକରେ କଶ୍ମୀରୀ ପଣ୍ଡିତମାନଙ୍କ ଗଣପଳାୟନ ଓ ସେମାନଙ୍କୁ ଟାର୍ଗେଟ କିଲିଂ କରାଯିବା ପୃଷ୍ଠଭୂମି ଉପରେ ଫିଲ୍ମ ଗତିଶୀଳ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସମେତ ଭାଜପା ନେତାମାନେ କଶ୍ମୀର ଫାଇଲ୍ସକୁ ଉଚ୍ଚ ପ୍ରଶଂସା କରିଥିଲେ। ଏପରି କି କେତେକ ଭାଜପା ଶାସିତ ରାଜ୍ୟରେ ଫିଲ୍ମକୁ ଟିକସମୁକ୍ତ କରାଯାଇଥିଲା। ଏହା ଚଳିତବର୍ଷ ମୁକ୍ତିଲାଭ କରିଥିବା ହିନ୍ଦୀ ଫିଲ୍ମଗୁଡ଼ିକ ମଧ୍ୟରେ ସର୍ବାଧିକ ଆୟକାରୀ ସିନେମା ଥିଲା। ଗତ ମେ'ରେ ସିଙ୍ଗାପୁର କଶ୍ମୀର ଫାଇଲ୍ସକୁ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁତା ସୃଷ୍ଟିକାରୀ ଦର୍ଶାଇ ଏହା ଉପରେ ନିଷେଧାଦେଶ ଜାରି କରିଥିଲା।

## ଗ୍ୟାସ୍ ଟ୍ୟାଙ୍କର...

କୋରାପୁଟ ଜିଲାପାଳ ଅବଦାଲ ଏମ୍. ଅଖତର ଗ୍ୟାସ ଟ୍ୟାଙ୍କର ଦୁର୍ଘଟଣା ଯୋଗୁ ଗାଡ଼ି ମୋଟର ଚଳାଚଳ ବନ୍ଦ ଥିବା ସମ୍ପର୍କରେ ଟୁଇଟ୍ ଯୋଗେ ଲୋକଙ୍କୁ ଅବଗତ କରାଇଛନ୍ତି। ମାତ୍ର ଯେଉଁ ଯାତ୍ରୀମାନେ ଆନ୍ଧ୍ର ଅଭିମୁଖେ ଯିବାକୁ ଚାହିଁବେ, ସେମାନେ ପଟ୍ଟାଙ୍ଗି ପୂର୍ବରୁ ଥିବା ପୁକାଲି ଛକଠାରୁ ଡାହାଣକୁ ଯାଇଥିବା ରାସ୍ତାରେ ଯାଇ ପୁକାଲି ସାପ୍ତାହିକ ହାଟରୁ ବାମପଟେ ଅନ୍ୟ ଏକ ରାସ୍ତାରେ ଚନ୍ଦକା ରାଲେଗଡା ଦେଇ ଆନ୍ଧ୍ର ଅଭିମୁଖେ ଯାଇପାରିବେ ବୋଲି ଅବଗତ କରାଇଛନ୍ତି। ଏ ସମ୍ପର୍କରେ ବ୍ଲକ ଉପାଧ୍ୟକ୍ଷ ତ୍ରିନାଥ କଟାଙ୍କୁ ପଚାରିବାରୁ ସେ କହିଲେ, ରେଲେଗଡ଼ା ପଞ୍ଚାୟତର ବିଭିନ୍ନ ଗ୍ରାମରେ ନିଆଁ ଲଗାଇବାକୁ ପୋଲିସ ଆସି ମନା କରିଛି। ଫଳରେ ବର୍ତ୍ତମାନ ଲୋକେ ରୋଷେଇବାସ କରିପାରି ନାହାନ୍ତି। ପ୍ରଶାସନ ପକ୍ଷରୁ ସେମାନଙ୍କ ପାଇଁ କୌଣସି ଖାଦ୍ୟ ବ୍ୟବସ୍ଥା କରାଯାଇନାହିଁ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ପାରିବାରିକ କ୍ଷେତ୍ରରେ ଯୁକ୍ତିତର୍କ ମାନସିକ ଅଶାନ୍ତିକୁ ନିମନ୍ତ୍ରଣ କରିପାରେ। ସରକାରୀ ସ୍ତରରୁ ପ୍ରତୀକ୍ଷିତ ଖବରଟି ଜଣେ ସହକର୍ମୀଙ୍କ ଜରିଆରେ ପାଇପାରନ୍ତି। ସାଂସ୍କୃତିକ କିମ୍ବା କ୍ରୀଡ଼ା, ଚଳଚ୍ଚିତ୍ରରେ ସହୃଦୟ ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ। ଯୋଜନା ମୁତାବକ କାମ କଲେ କୌଣସି ଅସୁବିଧା ହେବ ନାହିଁ।

**ବୃଷ** – ବନ୍ଧୁଙ୍କ ଅନୁରୋଧ ରକ୍ଷା କରି ହଠାତ୍ ଆପଣଙ୍କୁ ଆକସ୍ମିକ ଯାତ୍ରା କରିବାକୁ ପଡ଼ିପାରେ। ଦିନଭରି ବିଶେଷ ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେବାର ଆଶଙ୍କା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମିଥୁନ** – ସବୁ ସାହାଯ୍ୟ ଦେବା ସକାଶେ ବନ୍ଧୁ ପ୍ରତିଶ୍ରୁତି ଦେଇ ଶେଷ ସମୟରେ ନାସ୍ତିବାଣୀ ଶୁଣାଇ ପାରନ୍ତି। ବାଟରେ ଯିବା ଆସିବା ସମୟରେ କୌଣସି ଅଜଣା ବ୍ୟକ୍ତିଙ୍କ କଟୁକ୍ତି ଅସହ୍ୟ ହେବ। ଅତୀତରେ ହଜିଯାଇଥିବା କିମ୍ବା ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ। ବହୁତ ଦିନରୁ ଅଟକି ରହିଥିବା କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ।

**କର୍କଟ** – ପାରିବାରିକ ସମସ୍ୟା ସମାଧାନ ନେଇ ଆଶାୟୀ ହୋଇପାରନ୍ତି। ରାଜନୀତି, ସଂଗଠନ, ସଭାସମିତି, ସାଂସ୍କୃତିକ କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ଆତ୍ମୀୟଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବାର ସୁଯୋଗ ଲାଭ କରିବେ।

**ସିଂହ** – ଭଲ ସମ୍ପର୍କ ନ ଥିବା ପଡ଼ୋଶୀଙ୍କ ଟାହି, ଟାପରା ମନକୁ ବିଷାଦିତ କରିବ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ମଧ୍ୟ ବ୍ୟସ୍ତତା ଦ୍ୱିଗୁଣିତ ହୋଇପାରେ। କଳା, ସାହିତ୍ୟ, ଏଜେନ୍ସି ଏବଂ ସାମ୍ବାଦିକତାରେ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ଇଚ୍ଛା ବିରୁଦ୍ଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ।

**କନ୍ୟା** – କର୍ମକ୍ଷେତ୍ରରେ ଯୁକ୍ତିତର୍କ ପୂର୍ବକ ସହକର୍ମୀଙ୍କ ସହ ବାଦବିବାଦ ଜଟିଳ ହୋଇପାରେ। ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଅବଶ୍ୟ ଲାଭବାନ୍ ହେବେ। ପାରିବାରିକ ଅସ୍ଥିରତା କ୍ରମଶଃ ବୃଦ୍ଧି ପାଉଥିବାରୁ ଦୁଶ୍ଚିନ୍ତା ବହୁଗୁଣିତ ହେବାର ଆଶଙ୍କା ରହିଛି। ଅସ୍ଥିରତା ମଧ୍ୟରେ ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବାକୁ ବାଧ୍ୟହେବେ।

**ତୁଳା** – ଆଜି ପରିସ୍ଥିତି ଯେତେ ଜଟିଳ ହେଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ବିନୟ ପୂର୍ଣ୍ଣ କଥା କହି ପରିସ୍ଥିତିକୁ ହାଲୁକା କରିବାରେ ସମର୍ଥ ହେବେ। ପରିବାର ମଧ୍ୟରେ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ତଥା ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିବ।

**ବିଛା** – କୌଣସି କାମ ତରବରିଆ ଭାବେ ନ କରି ସବୁ ଆଡ଼କୁ ନଜର ଦେଇ କଲେ ଭଲ ହେବ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ବନ୍ଧୁଙ୍କ ସାହାଯ୍ୟ ନେଇ ପାରିବାରିକ ତିକ୍ତତାର ସମାପ୍ତି ପାଇଁ କର୍ମପନ୍ଥା ଅବଲମ୍ବନ କରିବେ। ସତ୍‌ସଙ୍ଗ ଲାଭ କରିବା ସାଙ୍ଗକୁ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲଭିବେ।

**ଧନୁ** – ପ୍ରତ୍ୟେକ କ୍ଷେତ୍ରରେ ନିଜର ଦୃଢ଼ତା ହେତୁ ମାନସିକ ସ୍ଥିତି ସୁଦୃଢ଼ ରହିବ। ପାରିବାରିକ, ପରିବହନ, ପ୍ରଶାସନିକ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ସାହିତ୍ୟ, ସାମ୍ବାଦିକତା, ଅଧ୍ୟୟନ, ଅଧ୍ୟାପନା କ୍ଷେତ୍ରରେ ସମ୍ମାନିତ ହେବେ। ସବୁଭଲ ଥିଲେ ମଧ୍ୟ କୌଣସି ବିଫଳତାକୁ ନେଇ ମାନସିକ ସ୍ତରରେ ଅଶାନ୍ତି ଅନୁଭବ କରିପାରନ୍ତି।

**ମକର** – ଭାବପ୍ରବଣତା ବୃଦ୍ଧି ମାନସିକ ଅସ୍ଥିରତା ସହିତ ଧୈର୍ଯ୍ୟଚ୍ୟୁତି ଘଟାଇପାରେ। ପଡ଼ୋଶୀ, ସହକର୍ମୀ କିମ୍ବା ଆତ୍ମୀୟମାନଙ୍କ ସହୃଦୟତା ମନୋବଳ ବଢ଼ାଇବାରେ ସାହାଯ୍ୟ କରିବ। ଆଜି ସକାଳୁ ସାଂସ୍କୃତିକ କାର୍ଯ୍ୟକ୍ରମ, ଯୋଗାଯୋଗ, ସଭାସମିତି କ୍ଷେତ୍ରରୁ ଉଚ୍ଚ ପ୍ରଶଂସିତ ହୋଇପାରନ୍ତି।

**କୁମ୍ଭ** – ଆଜି କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ବନ୍ଧୁଙ୍କ ସାହାଯ୍ୟ କ୍ରମେ ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ଜମିଜମା ସମ୍ପର୍କିତ ବିବାଦ ଦେଖାଦେବାର ବହୁତ ସମ୍ଭାବନା ରହିଛି। ଋଣ ପରିଶୋଧ କରିବା ପାଇଁ ବିଭିନ୍ନ ପ୍ରକାରର ଯୋଜନା କରିପାରନ୍ତି।

**ମୀନ** – ପାରିବାରିକ ସ୍ତରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ନିଜର ବ୍ୟବହାରିକ ଜ୍ଞାନ କୌଶଳ ପ୍ରୟୋଗ କରିପାରିଲେ ବ୍ୟବସାୟିକ ସ୍ଥିତିକୁ ସୁଦୃଢ଼ କରିପାରିବେ। କଳା, ସାହିତ୍ୟ ଓ ଚଳଚ୍ଚିତ୍ର, ସଙ୍ଗୀତାଦି କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ତଥାପି ସାମୟିକ ଭାବରେ ପାରିବାରିକ ସମସ୍ୟା ବିଷୟରେ ଚିନ୍ତା କରି ବ୍ୟସ୍ତ ରହିବେ।

ଆଜି ନଭେମ୍ବର ୩୦ ତାରିଖ, ମାର୍ଗଶିର ଶୁକ୍ଳ ସପ୍ତମୀ ଯୁକ୍ତ ଅଷ୍ଟମୀ ବୁଧବାର, ସାର୍ ଜଗଦୀଶ ଚନ୍ଦ୍ର ବୋଷଙ୍କ ଜୟନ୍ତୀ। ରାଶିନକ୍ଷତ୍ର- ସକାଳ ଘ.୦୭.୧୧ମି.ଗତେ ଶତଭିଷା/କୁମ୍ଭ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୬.୦୭ମି. ଗତେ ଘ.୦୮.୧୮ମି. ମଧ୍ୟେ, ଘ. ୧୦.୨୯ମି. ଗତେ ଘ.୧୧.୩୫ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୩୫ମି. ଗତେ ଘ.୧୨.୫୬ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ଅକ୍ସଫୋର୍ଡ ମେଡିକାଲ କଲେଜରେ ପଢ଼ିବେ ଜିପିଏସ୍ ଛାତ୍ର



ଗୁଣପୁର,୨୯।୧୧ (ଡି.ଏନ୍.ଏ)-ରାୟଗଡ଼ା ଜିଲା ଗୁଣପୁର ଗାନ୍ଧୀ ପବ୍ଲିକ ସ୍କୁଲର ଛାତ୍ର କେ.ସ୍ୱସ୍ତିକ ସର୍ବଭାରତୀୟ ମେଡିକାଲ ପ୍ରବେଶିକା (ନିଟ)ରେ ଉତ୍ତୀର୍ଣ୍ଣ ହୋଇ ଅକ୍ସଫୋର୍ଡ ମେଡିକାଲ କଲେଜ ବାଙ୍ଗାଲୋରରେ ଅଧ୍ୟୟନ ପାଇଁ ମନୋନିତ ହୋଇଛନ୍ତି। ଯାହା ବିଦ୍ୟାଳୟ ପାଇଁ ଗୌରବର ବିଷୟ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ସ୍ୱସ୍ତିକ ୨୦୨୨ ସିବିଏସଇ ଦ୍ୱାଦଶ ପରୀକ୍ଷାରେ ୯୪.୪% ନମ୍ବର ରଖି ଥିଲେ। ବିଦ୍ୟାଳୟର ଉନ୍ନତ ଶିକ୍ଷା ଦାନ ଏବଂ କୋଚିଂ ପାଇଁ ପ୍ରତିବର୍ଷ ନିଟ ଓ ଜେଇଇ ପ୍ରବେଶିକା ପରୀକ୍ଷାରେ ଛାତ୍ରୀଛାତ୍ର ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥାନ୍ତି। ସ୍କୁଲ ଅଧକ୍ଷ ସୁବ୍ରତ ରଞ୍ଜନ ପାଠୀ, ଜିଆଇଇଟି ବିଶ୍ୱବିଦ୍ୟାଳୟର ମହା ନିର୍ଦ୍ଦେଶକ ଡ.ଜଗଦିଶ ପଣ୍ଡା, ସଭାପତି ଡ.ସତ୍ୟ ପ୍ରକାଶ ପଣ୍ଡା, ଉପାଧକ୍ଷଡ.ଚନ୍ଦ୍ରଧ୍ୱଜ ପଣ୍ଡା ପ୍ରମୁଖ ସ୍ୱସ୍ତିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଜିପିଏସ୍‌ର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଗୁଣପୁର,୨୯।୧୧(ଡି.ଏନ୍.ଏ)- ରାୟଗଡ଼ା ଜିଲା ଗୁଣପୁର ଗାନ୍ଧୀ ପବ୍ଲିକ ସ୍କୁଲରେ ୩ ଦିନ ଧରି ଚାଲୁ ରହିଥିବା ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଆଇଇଟି ବିଶ୍ୱବିଦ୍ୟାଳୟ ମହାନିର୍ଦ୍ଦେଶକ ଡ.ଜଗଦୀଶ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ସ୍କୁଲର ପ୍ରିନ୍ସିପାଲ ସୁବ୍ରତ ରଞ୍ଜନ ପାଠୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। କ୍ରୀଡ଼ା ଶିକ୍ଷକ ଦିଲ୍ଲୀପ କୁମାର ବେହେରା, ଦେବେନ୍ଦ୍ର ନାୟକ ଏବଂ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମିନି ନିଯୁକ୍ତି ମେଳା ଅନୁଷ୍ଠିତ

ଗୁଣପୁର,୨୯।୧୧(ଡି.ଏନ.ଏ)-ଓଡିଶା ଦକ୍ଷତା ପ୍ରାଧିକରଣ ଓ ରାୟଗଡା ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଗୁଣପୁର ଦକ୍ଷତା ବିକାଶ କେନ୍ଦ୍ରଠାରେ ମଙ୍ଗଳବାର ମିନି ନିଯୁକ୍ତିମେଳା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ନିଯୋଜନ ଅଧିକାରୀ ତନ୍ମୟଶୀ ମହାପାତ୍ର, ଗୁଣପୁର ଦକ୍ଷତା ବିକାଶକେନ୍ଦ୍ର ଅଧିକାରୀ ବିରସେନ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ନିଯୁକ୍ତି ମେଳାରେ ଏଚ୍‌ସିଏଲ, ୱାଲସନ, ଏସବିଆଇ ଲାଇଫ ଭଳି ବିଭିନ୍ନ ସଂସ୍ଥା ଯୋଗଦେଇ ବେକାରୀ ଯୁବତୀ ଯୁବକଙ୍କୁ ସେମାନଙ୍କ ସଂସ୍ଥାରେ ଯୋଗଦେବାକୁ ଉତ୍ସାହିତ କରିଥିଲେ। ଗୁଣପୁର ଉପଖଣ୍ଡର ୧୦୬ ଜଣ ଯୁବତୀ ଯୁବକ ଯୋଗଦେଇ ନିଜ ନିଜର ପାରଦର୍ଶିତା ପ୍ରମାଣ ପତ୍ର ଦାଖଲ କରିଥିଲେ। ସେହିପରି ଦକ୍ଷତା ବିକାଶ କେନ୍ଦ୍ରଗ୍ରାମ ତରଙ୍ଗ ଆନୁକୂଲ୍ୟରେ ସିଲେଇ ଶିକ୍ଷା ପ୍ରଦାନ କରୁଥିବାରୁ ବହୁ ଯୁବତୀ ଯୁବକ ଏଥିରେ ଯୋଗ ଦେବାକୁ ଆଗ୍ରହ ପ୍ରକାଶ କରିଥିଲେ। ଗୁଣପୁର ନିଯୋଜନ କାର୍ଯ୍ୟାଳୟର ଦିଲ୍ଲୀପ କୁମାର ପଣ୍ଡା ପରିଚାଳନାରେ ସହଯୋଗ କରିଥିଲେ।

### ଚନ୍ଦ୍ରପୁର ଶିଳ୍ପ ବିକାଶ ଅଧିକାରୀଙ୍କ ପରଲୋକ



ରାୟଗଡ଼ା ଅଫିସ,୨୯।୧୧- ରାୟଗଡ଼ା ଜିଲା ଆଞ୍ଚଳିକ ଶିଳ୍ପ କେନ୍ଦ୍ର ଅଧୀନ ଚନ୍ଦ୍ରପୁର ବ୍ଲକରେ କାର୍ଯ୍ୟରତ ଶିଳ୍ପ ବିକାଶ ଅଧିକାରୀ ଦାଶରଥୀ ହେମ୍ବ୍ରମଙ୍କ ସୋମବାର ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ଆଞ୍ଚଳିକ ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ବିକାଶ ଚନ୍ଦ୍ର ବାଇନ, ଶିଳ୍ପ ବିକାଶ ଅଧିକାରୀ ସବ୍ୟସାଚୀ ସାହୁ ଏବଂ ସମସ୍ତ କର୍ମଚାରୀ ଶୋକ ପ୍ରକାଶ କରିଛନ୍ତି।

# ବାଜିଲା ମଣ୍ଡେଇ ବିଗୁଲ୍

ନବରଙ୍ଗପୁର,୨୯।୧୧(ବି.ପ୍ର.)

ନବରଙ୍ଗପୁର ଲୋକ ମହୋତ୍ସବ ମଣ୍ଡେଇର ମଙ୍ଗଳବାର ଶୁଭ ଉଦ୍‌ଘାଟନ କରାଯାଇଛି। ବେତାଳ ବିଦ୍ୟାଳୟ ନିକଟରୁ ବିଶାଳ ଶୋଭାଯାତ୍ରା ବାହାରିଥିଲା। ବିଭିନ୍ନ ଦେବୀପୀଠରୁ ଆସିଥିବା ଲାଠି ଓ ଚୌକି



ଶୋଭାଯାତ୍ରାରେ ଉପସ୍ଥିତ କଳାକାର, ପ୍ରଶାସନିକ ଅଧିକାରୀ, ସ୍ଥାନୀୟ ଲୋକେ ଓ ଅନ୍ୟମାନେ।

ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପାରମ୍ପରିକ ବାଦ୍ୟ, ତାଳ ସହ ସାଇଲୋଡି ନୃତ୍ୟ ଦେଖିବାକୁ ମିଳିଥିଲା। କୃଷି, ଏମଜିଏନଆରଇଜିଏସ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ, ସ୍ୱାସ୍ଥ୍ୟ, ଉଦ୍ୟାନ କୃଷି ଭଳି ବିଭିନ୍ନ ଉନ୍ନୟନ ବିଭାଗର ପ୍ରଦର୍ଶନୀ ଷ୍ଟଲ ପ୍ରଦର୍ଶନ କରାଯାଇଥିଲା। ଶୋଭାଯାତ୍ରା ନବରଙ୍ଗପୁର ବ୍ଲକ ବାସିନୀ ପଞ୍ଚାୟତ ବେତାଳ ଗାଁସ୍ଥିତ ମାଁ ଭଣ୍ଡାର ଘରଣୀ ମନ୍ଦିରରେ ପହଞ୍ଚିବା ପରେ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଡ. କମଳଲୋଚନ ମିଶ୍ରଙ୍କ ପୌରୋହିତ୍ୟରେ ସେଠାରେ ପୂଜାର୍ଚ୍ଚନା ପରେ ଜିଲାସ୍ତରୀୟ ମଣ୍ଡେଇ ଉଦ୍‌ଘାଟନ କରାଯାଇଛି।

### ମଣ୍ଡେଇ ଜିଲାର ପରିଚୟ, ଗୌରବ

ପୂଜାର୍ଚ୍ଚନା ପରେ ମଶାଲ ପ୍ରଜ୍ୱଳିତ କରାଯାଇ ମଞ୍ଚକୁ ଅଣାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଉପପେନ୍ଦ୍ର ଗଣ୍ଡ ଯୋଗ ଦେଇ ମଣ୍ଡେଇ ଜିଲାର ଆଦିବାସୀଙ୍କ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିପାରୁଛି ବୋଲି କହିଥିଲେ। ମଣ୍ଡେଇ ମହୋତ୍ସବ ନବରଙ୍ଗପୁର ଜିଲାକୁ ପରିଚିତ କରିପାରିଛି। ଏହି କାର୍ଯ୍ୟକ୍ରମ ଦ୍ୱାରା ଜିଲାର ଲୋକ କଳା ଓ ଲୋକ ସଂସ୍କୃତିର ପୁନରୁଦ୍ଧାର ହୋଇ ପାରୁଛି ବୋଲି ଜିଲାପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ କହିଛନ୍ତି। ମଣ୍ଡେଇ ଜିଲାର କଳା ସଂସ୍କୃତି ବିକାଶରେ ସହାୟକ ହୋଇପାରିଛି ବୋଲି ଜିଲା ପରିଷଦ ଉପାଧ୍ୟକ୍ଷା ଲିପିକା ବାରୋଇ କହିଥିଲେ। ନବରଙ୍ଗପୁର ବିଧାୟକଙ୍କ ସ୍ତ୍ରୀ କୌଶଲ୍ୟା ପ୍ରଧାନୀ ମଣ୍ଡେଇର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟର ପ୍ରଶଂସା କରିବା ସହ ଜିଲାସ୍ତରୀୟ ମୁଖ୍ୟ ଉତ୍ସବକୁ ସଫଳ କରିବା ପାଇଁ ନିବେଦନ କରିଥିଲେ।

ମଣ୍ଡେଇ କଳା ସଂସ୍କୃତିର ବିକାଶର ବାର୍ତ୍ତାବହ ଭାବେ ପରିଚିତ ବୋଲି ଏମ୍‌ପିଙ୍କ ପ୍ରତିନିଧି ବାବୁଲି ମିଶ୍ର କହିଛନ୍ତି। ନବରଙ୍ଗପୁର ଜିଲାର ଭାଷା ସଂସ୍କୃତି ପରମ୍ପରା ନୃତ୍ୟ ଗୀତର ସ୍ୱତନ୍ତ୍ରତା ରହିଛି। ନବରଙ୍ଗପୁର ଜନଜାତିଙ୍କ କଳା ସଂସ୍କୃତିର ସମାହାରର ମଣ୍ଡେଇ। ମଣ୍ଡେଇ ଜିଲାର ପରିଚୟ ଓ ଗୌରବ ବୋଲି ଜିଲାପାଳ କହିଛନ୍ତି। ନବରଙ୍ଗପୁର ବିଡିଓ ଶିବ ପ୍ରସାଦ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ



ଅତିଥିମାନେ ପୋଷ୍ଟର ଉନ୍ମୋଚନ କରୁଛନ୍ତି।

କରିଥିଲେ। ଡିଆଇପିଆର୍‌ଓ ହଳଧର ନିଆଲ ମଞ୍ଚ ପରିଚାଳନା କରିଥିଲେ। ବ୍ଲକ ଅଧ୍ୟକ୍ଷ ଶରତ ଭତରା ଧନ୍ୟବାଦ ଅର୍ପଣ କରିଥିଲେ । ବ୍ଲକ ଉପାଧ୍ୟକ୍ଷା ନନ୍ଦିନୀ ସମରଥ, ଜିଲାପରିଷଦ ସଭ୍ୟା ଜୋନ(୧) ଜୟାମଣି ସମରଥ, (୨) ପରିଜା ଭତରା, ବାସିନୀ ସରପଞ୍ଚ ଟଙ୍କଧର ରନ୍ଧାରୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷା ଭାନୁମତୀ ପୂଜାରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ମଣ୍ଡେଇ ପୋଷ୍ଟର ଉନ୍ମୋଚନ କରିଥିଲେ। ଏହା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଛି। ଏହି ଅବସରରେ ବାର୍ଦ୍ଧକ୍ୟ ଭତ୍ତା ଓ ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା।

ଅତିରିକ୍ତ ଜିଲାପାଳ ଭାସ୍କର ରଇତୋ, ଉପଜିଲାପାଳ ପ୍ରଶାନ୍ତ କୁମାର ରାଉତ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ବେଣୁଧର ଶବର, ରାସ୍ତା ଓ ଗୃହ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରଫୁଲ୍ଲ ମିଶ୍ର, ଗ୍ରାମ୍ୟ ଉନ୍ନୟନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଆଚାର୍ଯ୍ୟ, ଜିଲା କ୍ରୀଡ଼ାଧିକାରୀ ମହେନ୍ଦ୍ର କୁମାର ସାହୁ, ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ, ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ଜିଲା ବିଜେଡି ମହିଳା ସଭାନେତ୍ରୀ ମଂଜୁଳା ମାଝି, ଜିଲା ପରିଷଦ ସଦସ୍ୟା ସଦସ୍ୟ ଏବଂ ମଣ୍ଡେଇ ସବ୍‌କମିଟିର କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ। ଜିଲାର ଏମ୍‌ପି ଓ ୪ ନିର୍ବାଚନମଣ୍ଡଳୀର ବିଧାୟକମାନେ ଉପସ୍ଥିତ ନ ଥିଲେ।

## ଏଟିଏମ୍ ଲୁଟ୍ ଉଦ୍ୟମ

### ସିସିଟିଭିରେ ସମ୍ପୂର୍ଣ୍ଣ ଘଟଣା କଏଦ

କୋଟପାଡ଼, ୨୯।୧୧(ଡି.ଏନ୍.ଏ.)

କୋରାପୁଟ ଜିଲା କୋଟପାଡ଼ ସହର ହାଟପଦା ନିକଟ ୬୩ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ରହିଥିବା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଶାଖାରେ ରହିଥିବା ଏଟିଏମ୍ ଲୁଟ୍ ଉଦ୍ୟମ ହୋଇଛି। ସୋମବାର ରାତି ୨ଟାରେ ଏହି ଘଟଣା ଘଟିଥିବା ବ୍ୟାଙ୍କରେ ଲାଗିଥିବା ସିସି ଟିଭି ଫୁଟେଜରୁ ଜଣାପଡ଼ିଛି। ଜଣେ ଦୁର୍ବୃତ୍ତ ମୁହଁରେ କପଡ଼ା ବାନ୍ଧି ସିସି କ୍ୟାମେରାରେ ଜରି ଘୋଡ଼ାଇ ଏଟିଏମ୍ ଭାଙ୍ଗିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଏଥିରେ ସେ ସଫଳ ହୋଇ ନ ଥିଲେ। ମଙ୍ଗଳବାର ସକାଳେ କର୍ମଚାରୀ ବ୍ୟାଙ୍କ ଖୋଲିବାକୁ ଯାଇଥିବା ବେଳେ ବ୍ୟାଙ୍କ ପରିସରସ୍ଥ ଏଟିଏମ୍ ନିକଟରେ କିଛି ଲୁହାରଡ୍



ଓ ଅନ୍ୟ ଉପକରଣ ପଡ଼ିଥିବାଦେଖି ତୁରନ୍ତ କୋଟପାଡ଼ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରୁଛି। ବ୍ୟାଙ୍କ ସିସି ଟିଭି ଫୁଟେଜ, ଏଟିଏମ୍ ଭାଙ୍ଗିବାରେ ବ୍ୟବହାର ହୋଇଥିବା ଉପକରଣକୁ ପୋଲିସ ସିଜ୍ କରିଛି। ଉକ୍ତ ବ୍ୟାଙ୍କ ନିକଟରୁ ଥାନା ମାତ୍ର ୨ଶହ ମିଟର ଦୂର ହୋଇଥିବାବେଳେ କିଭଳି ପୋଲିସ ପାଟ୍ରୋଲିଂ କରୁଛି ତାହାକୁ ନେଇ ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି।

## ଆସୁନାହାନ୍ତି ଶିକ୍ଷୟିତ୍ରୀ, ସ୍କୁଲରେ ତାଲା

ରାୟଗଡ଼ା ଅଫିସ, ୨୯।୧୧

- ଅସନ୍ତୋଷ ବ୍ୟକ୍ତକଲେ ଅଭିଭାବକ, ପରିଚାଳନା କମିଟି ସଭାପତି
- ଘଟଣାସ୍ଥଳକୁ ଆସି ବୁଝାଶୁଝା କଲେ ବିଇଓ

ରାୟଗଡ଼ା ଜିଲା କୋଲନରା ବ୍ଲକ ଅଧୀନ ବାଙ୍କିଲି ପଞ୍ଚାୟତର ବଡ଼ଚମ୍ପିଆ ଗ୍ରାମସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୨ଦିନ ଧରି ତାଲା ପଡ଼ିଛି। ପିଲାମାନେ ସ୍କୁଲକୁ ଆସି ବାରଣ୍ଡାରେ ଶିକ୍ଷୟିତ୍ରୀଙ୍କୁ ଅପେକ୍ଷା କରି କରି ଫେରିଯାଉଛନ୍ତି। ମଙ୍ଗଳବାର ଅଭିଭାବକ, ଗ୍ରାମବାସୀ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟ ନାଗେଶ୍ୱର ମୁଟୁକା ବିଦ୍ୟାଳୟ ଆଗରେ ବିକ୍ଷୋଭ କରିଥିଲେ। ଖବରପାଇ ଏବିଇଓ ପିତୃଦେବ ବିଡ଼ିକା ସେଠାରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ମୁକୁନ୍ଦଦେବ ସ୍କୁଲର ଜଣେ ଶିକ୍ଷକଙ୍କୁ ଡକାଯାଇ ପିଲାଙ୍କୁ ପାଠ ପଢ଼ା ଯାଇଥିଲା।

ସୂଚନା ଅନୁଯାୟୀ, ବଡ଼ଚମ୍ପିଆ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୨୧ ଜଣ ଛାତ୍ରୀଛାତ୍ର ଅଛନ୍ତି। ସେମାନଙ୍କ ପାଇଁ ଜଣେ ଶିକ୍ଷୟିତ୍ରୀ ଅଛନ୍ତି। କିନ୍ତୁ ଶିକ୍ଷୟିତ୍ରୀ ରମାଦେବୀ ପାଲାକା ୨୬ ତାରିଖ ପରଠାରୁ ସ୍କୁଲକୁ ଯାଇ ନ ଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ୨୮ ଓ ୨୯ ତାରିଖରେ ସ୍କୁଲ ଶ୍ରେଣୀଗୃହରେ ତାଲା ପଡ଼ିଛି। ପିଲାମାନେ ଘଣ୍ଟା ଘଣ୍ଟା ଧରି ଶିକ୍ଷୟିତ୍ରୀଙ୍କୁ ଅପେକ୍ଷାକରି ଘରକୁ ଫେରୁଛନ୍ତି ବୋଲି ଅଭିଭାବକ ଓ ସ୍କୁଲ ପରିଚାଳନା କମିଟି ସଭାପତି କହିଛନ୍ତି। ସେମାନେ ଉତ୍ତ୍ୟକ୍ତ ହୋଇ ସ୍କୁଲ ଆଗରେ ମଙ୍ଗଳବାର ଶିକ୍ଷୟିତ୍ରୀଙ୍କୁ ଅପେକ୍ଷା କରିଥିଲେ ମଧ୍ୟ ସେ ଆସିନ ଥିଲେ ବୋଲି ଅଭିଭାବକ ଓ ସଭାପତି ନାଗେଶ୍ୱର କହିଛନ୍ତି। ଘଟଣା ସମ୍ପର୍କରେ ଜାଣି କୋଲନରା ବିଇଓ ବାଙ୍କିଲିରୁ ଜଣେ ଶିକ୍ଷକଙ୍କୁ ପିଲାଙ୍କୁ ପଢ଼ାଇବାକୁ ପଠାଇଥିଲେ ମଧ୍ୟ ଅସନ୍ତୁଷ୍ଟ ଅଭିଭାବକ ଓ ଗ୍ରାମବାସୀ ତାଙ୍କୁ ସ୍କୁଲ ଭିତରକୁ ଛାଡ଼ି ନ ଥିଲେ। ଫଳରେ ଉକ୍ତ ଶିକ୍ଷକ ଜଣକ ସେଠାରୁ ଫେରି ଆସିଥିଲେ। ପରେ ଏବିଇଓ ପିତୃଦେବ ସେଠାରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଘଟଣାକୁ ଗୁରୁତର ସହ ନେଇ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସନ୍ତୋଷ ମହାପାତ୍ର, ଦଣ୍ଡାସି ପାଲାକା, ବୁଲୁ ପାତିକା, ସୁବେସୁ ଉଲାକା, ଝୁଲୁ ହାରାକା, ଭିକାରୀ କଲାକାଙ୍କ ସହ ଅନ୍ୟ ଅଭିଭାବକ ଓ ଗ୍ରାମବାସୀ ଦାବି କରିଛନ୍ତି। ମୁକୁନ୍ଦପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟରୁ ଜଣେ ଶିକ୍ଷକଙ୍କୁ ପିଲାଙ୍କୁ ପଢ଼ାଇବାକୁ ଡକାଯାଇଥିଲା। ଏ ସମ୍ପର୍କରେ କୋଲନରା ବିଇଓ ଏମ୍. ଖଗେଶ୍ୱର ରାଓଙ୍କୁ ପଚାରିବାରୁ ଶିକ୍ଷୟିତ୍ରୀ ରମାଦେବୀ ପାଲାକାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ରିସିଭ କରି ନ ଥିଲେ। ଉକ୍ତ ଘଟଣାର ତଦନ୍ତକରି ଶିକ୍ଷୟିତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି।

ଭୁବନେଶ୍ୱରରେ ପ୍ରାଥମିକ ଶିକ୍ଷକ ସଂଘର ଆନ୍ଦୋଳନ ଚାଲିଛି। ଏଠାରେ ଅନେକ ଶିକ୍ଷକ ଯୋଗଦେଇଥିବାରୁ ସେମାନେ ସ୍କୁଲ ଆସୁନାହାନ୍ତି। ଫଳରେ ପିଲାଙ୍କ ପାଠପଢ଼ା ବନ୍ଦ ହେଉଛି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।





## ଭାରତ ଭଳି ଗଣତନ୍ତ୍ର ରାଷ୍ଟ୍ରରେ ଭୋଟଦାନର ଗୁରୁତ୍ୱ ବେଶି





ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ରାୟଗଡ଼ା ଅଫିସ, ୨୯।୧୧

- ରାୟଗଡ଼ା ମହିଳା ମହାବିଦ୍ୟାଳୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ
- ଆପ୍ ଡାଉନ୍‌ଲୋଡ୍ କରି ନାମ ପଞ୍ଜୀକରଣ କଲେ ଛାତ୍ରୀ

ରାୟଗଡ଼ା ମହିଳା ମହାବିଦ୍ୟାଳୟରେ ମଙ୍ଗଳବାର ପ୍ରତ୍ୟାଶିତ ଭୋଟର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ. ଅର୍ଚ୍ଚନା ପଟ୍ଟନାୟକ, ରାୟଗଡ଼ା ଜିପିଇଓ ଗୋପାଳ ପଣ୍ଡା, ବରିଷ୍ଠ ଶିକ୍ଷକ ନୀଳାଞ୍ଚଳ ମିଶ୍ର, ରାଜନୀତି ବିଜ୍ଞାନ ଅଧ୍ୟାପକ ରୌମ୍ୟରଞ୍ଜନ ସାହୁ, ରାୟଗଡ଼ା ପୌରପାଳିକାର ଚନ୍ଦ୍ରଶେଖର ରଥ, ବୁଥ୍‌ସ୍ତରୀୟ ଅଧିକାରୀ ଜି. ନୀଳକଣ୍ଠ ପ୍ରମୁଖ ଉପସ୍ଥିତ ଥିଲେ। ଭାରତ ଭଳି ବିଶାଳ ଗଣତନ୍ତ୍ରରେ ସାବାଳକ ଭୋଟ ପ୍ରଥାର ଗୁରୁତ୍ୱ ଓ ଆଗାମୀ ଭବିଷ୍ୟତର ନାଗରିକଙ୍କ ଭୂମିକା ବିଷୟରେ ଅଧ୍ୟକ୍ଷା ଆଲୋଚନା କରିଥିଲେ। ସମ୍ବଳ ଶିକ୍ଷକ ନୀଳାଞ୍ଚଳ ମିଶ୍ର ଓ ଜିପିଇଓ ଗୋପାଳ ପଣ୍ଡା ଭୋଟଦାନ ଅଧିକାର, ଭୋଟର ହେଲ୍ପଲାଇନର ବ୍ୟବହାର ବିଷୟରେ ଆଲୋଚନା କରିଥିଲେ। ଛାତ୍ରୀମାନେ ନିଜ ମୋବାଇଲରେ ଭୋଟର ହେଲ୍ପଲାଇନ ଡାଉନ୍‌ଲୋଡ୍ କରିବାସହ ନିଜ ନାମ ପଞ୍ଜୀକରଣ କରିଥିଲେ। ଅଧ୍ୟାପକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜନଶୁଣାଣି କାର୍ଯ୍ୟକ୍ରମ

ଗୁଣପୁର,୨୯।୧୧(ଡି.ଏନ.ଏ.)

ରାୟଗଡ଼ା ଜିଲା ଗୁଣପୁର ବ୍ଲକର ସଦ୍‌ଭାବନା ଗୃହରେ ଏମ୍‌ଜିଏନ୍‌ଆରଇଜିଏସ୍, ଏନ୍‌ଏସ୍‌ଏପି, ଆଇସିଡିଏସ୍, ମମତା ଭଳି ବିଭିନ୍ନ ଯୋଜାନକୁ ନେଇ ଏକ ଜନ ଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା,ବ୍ଲକ ଅଧ୍ୟକ୍ଷା ଝିଲି ଶବର,ଉପାଧ୍ୟକ୍ଷ ସୁଦର୍ଶନ ଶବର, ବିଡିଓ ଶାନ୍ତିପ୍ରଭା ପ୍ରଧାନ, ଜିଲା ପରିଷଦ ସଭ୍ୟା କୁନି ନିମାଲା, ଇଗାନ ଗମାଙ୍ଗ, ସହକାରୀ ଯନ୍ତ୍ରୀ ମନୋରଞ୍ଜନ ହଂସଦା ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟାସଭ୍ୟ,ନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥଲେ।

## ୱାର୍କର୍ସ କ୍ଲବ ପକ୍ଷରୁ ହେବ କବାଡ଼ି ପ୍ରତିଯୋଗିତା

ରାୟଗଡ଼ା ଅଫିସ, ୨୯।୧୧

ରାୟଗଡ଼ା ୱାକର୍ସ କ୍ଲବ ପକ୍ଷରୁ ସ୍ଥାନୀୟ କପିଳାସ ହଟେଲ ରୋଡସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ସ୍କୁଲ ପୁରୁଣା ଖେଳ ପଡିଆରେ ଡ଼ିସେମ୍ବର ମାସ ୨ ତାରିଖ ଏବଂ ୩ ତାରିଖରେ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହେବ। ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ୨୨ ଟିମ୍ ଗଠନ କରାଯାଇ ଖେଳ ହେବ ବୋଲି ଅନୁଷ୍ଠିତ ହେବ ବୋଲି ୱାକର୍ସ କ୍ଲବ ପକ୍ଷରୁ କୁହାଯାଇଛି। ସହରର ସମସ୍ତ ଖେଳ ପ୍ରେମୀ ଏବଂ ଜନସାଧାରଣ ଯୋଗ ଦେଇ ପ୍ରତିଯୋଗିତାକୁ ଉପଭୋଗ କରିବା ପାଇଁ କ୍ଲବ ପ୍ରତିନିଧିମାନେ ଅନୁରୋଧ କରିଛନ୍ତି।





କ୍ଲବ ପ୍ରତିନିଧିମାନେ କବାଡି ଖେଳ ବିଷୟରେ ସୂଚନା ଦେଉଛନ୍ତି।

## ଟମାଟୋ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ

### ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର, ହେଲ୍‌ପର

ପାପଡାହାଣ୍ଡି,୨୯।୧୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ତଣ୍ଡାଗୁଡା ନିକଟରେ ମଙ୍ଗଳବାର ପାହାନ୍ତିଆରୁ ଭାରସାମ୍ୟ ହରାଇ ଏକ ଟମାଟୋ ବୋଝେଇ ଟ୍ରକ ଓଲଟି ପଡ଼ିଛି। କିନ୍ତୁ ସୌଭାଗ୍ୟ ବଶତଃ ଏଥିରେ ବସିଥିବା ଡ୍ରାଇଭର ଓ ହେଲ୍‌ପର ସୁରକ୍ଷିତ ଅଛନ୍ତି। ସୂଚନାନୁଯାୟୀ ଜଗଦଲପୁରରୁ ଏକ ଟ୍ରକ (ଓଆର୍–୦୮ଏର୍–୨୦୬୦) ଟମାଟୋ ଧରି ଜୁନାଗଡ ଅଭିମୁଖେ ବାହାରିଥିଲା। ପାହାନ୍ତିଆ ସମୟରେ ତଣ୍ଡାଗୁଡା ଗ୍ରାମର ଏକ କଲଭର୍ଟ ତଳେ ଭାରସାମ୍ୟ ହରାଇ ଟ୍ରକଟି ଓଲଟି ପଡିଥିଲା। ଟ୍ରକରେ ଥିବା ଟମାଟୋ ବିଛେଇ ହେବା ସହ କିଛି ନଷ୍ଟ ହୋଇଯାଇଛି। ବଳକା ଟମାଟୋକୁ ଗୋଟାଇ ଅନ୍ୟ ଏକ ପିକଅପ ଭ୍ୟାନରେ ଜୁନାଗଡ ପଠାଯାଇଥିବା ସୂଚନା ମିଳିଛି।

## କୂଅରେ ପଡ଼ି ଯୁବକଙ୍କ ମୃତ୍ୟୁ

ଚନ୍ଦାହାଣ୍ଡି, ୨୯।୧୧(ଡି.ଏନ୍.ଏ.)

ଗାଧେଇବାବେଳେ କୂଅରେ ଖସିପଡ଼ି ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଥାନା ଅଧୀନ ଜାମପଡା ଗ୍ରାମର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଟିକମ ଭଇସାଲ (୩୨)। ଏନେଇ ଚନ୍ଦାହାଣ୍ଡି ଥାନାରେ କେସ ନଂ ୧୮/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଏଏସ୍‌ଆଇ ହୃଷିକେଶ ପଟେଲ ଏହାର ତଦନ୍ତ କରୁଥିବା ଥାନାଧିକାରୀ ସୂଚନା ଦେଇଛନ୍ତି। ପୋଲିସ ସୂତ୍ରନୁସାରେ ଟିକମ ସୋମବାର ଗାଧୋଇବା ପାଇଁ ଗାଁ ପାଖ କୂଅକୁ ଯାଇଥିଲେ। ଗାଧୋଉଥିବା ବେଳେ ଗୋଡ଼ ଖସି ଯିବାରୁ ସେ କୂଅ ଭିତରେ ପଡିଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜା ଖୋଜି କରିଥିଲେ। ତଥାପି ଟିକମ ନ ମିଳିବାରୁ ସେମାନେ କୂଅ ପାଖକୁ ଯାଇ ତାଙ୍କ ଚପଲ ଥିବା ଦେଖି ଦମକଳ ବାହିନୀକୁ ଖବର ଦେଇଥିଲେ। ସେତେବେଳକୁ ରାତି ହୋଇଯାଇଥିବାରୁ ଦମକଳ ବାହିନୀ ମଙ୍ଗଳବାର ସେଠାରେ ପହଞ୍ଚି କୂଅରୁ ମୃତଦେହ ବାହାର କରିଥିଲେ। ମୃତକଙ୍କ ଭାଇ ଭଜନ ଭଇସାଲ ଚନ୍ଦାହାଣ୍ଡି ଥାନାରେ ଏତଲା ଦେଇଥିଲେ। ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଏଏସ୍‌ଆଇ ହୃଷିକେଶ ପଟେଲ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିଲେ । ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

## କୁରାଳପୂଜା ପାଳିଲେ କୁମ୍ଭକାର ସମାଜ

ଲକ୍ଷ୍ମୀପୁର,୨୯।୧୧(ସ୍ୱ.ପ୍ର.)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ଗୌଡ଼ଗୁଡା ଗ୍ରାମର କୁମ୍ଭାରସାହିରେ କୁମ୍ଭକାର ସମାଜର କୁରାଳ ପଞ୍ଚମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ କୁମ୍ଭକାର ସମାଜର ଶତାଧିକ ସଦସ୍ୟ ଏକାଠି ହୋଇ ନିଜର ନିଜର କୌଳିକ ଯନ୍ତ୍ର ଉପକରଣର ପୂଜାର୍ଚ୍ଚନା କରିଥିଲେ। ଏହି ଉତ୍ସବ ସୋମବାରଠାରୁ ଆରମ୍ଭ ହୋଇ ମଙ୍ଗଳବାର ଶେଷ ହୋଇଛି। ପ୍ରଥମ ଦିନ ସକାଳୁ ମୂର୍ତ୍ତି ସ୍ଥାପନ ପରେ ସୂର୍ଯ୍ୟଦେବଙ୍କ ପୂଜା କରାଯାଇଥିଲା। ପରେ କୁମ୍ଭକାର ପରିବାର ସଦସ୍ୟମାନେ କଳସଯାତ୍ରାରେ ବାହାରିଥିଲେ। ପରବର୍ତ୍ତୀ ସମୟରେ ଯଜ୍ଞାନୁଷ୍ଠାନ ପୂଜା ଆରମ୍ଭ ହୋଇଥିଲା। ମଙ୍ଗଳବାର ଷଷ୍ଠଚକ୍ରପୂଜା ସାରି ଯଜ୍ଞାନୁଷ୍ଠାନର ପୂର୍ଣ୍ଣାହୁତି କରାଯାଇଥିଲା। ଏହି ଉତ୍ସବ ବେଳେ ୨ ଦିନ ଧରି ନାମ ସଙ୍କୀର୍ତ୍ତନ ଚାଲିଥିଲା। ଏଥିରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ପାତାଳେଶ୍ୱର କୁମ୍ଭାର, ହରିହର କୁମ୍ଭାର, ଦାମଦର୍ ଚାଲାଣ, ଗୁପ୍ତ କୁମ୍ଭାର, ଚୁଡ଼ାମଣି କୁମ୍ଭାର, ମେଘ କୁମ୍ଭାର, ତୁସା କୁମ୍ଭାର, କାଳିଆ କୁମ୍ଭାର, ସତ୍ୟ କୁମ୍ଭାର, ତ୍ରିନାଥ କୁମ୍ଭାର, ଚନ୍ଦ୍ରଶେଖର କୁମ୍ଭାର, ମଦନ କୁମ୍ଭାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କୁରାଳପୂଜା ପାଇଁ କୁମ୍ଭକାର ସମାଜ ପକ୍ଷରୁ ବାହାରିଥିବା କଳସ ଶୋଭାଯାତ୍ରା।

# ସମସ୍ୟାରେ ଜର୍ଜରିତ ଜଳବନ୍ଦୀ ତଲଙ୍ଗ

ତେନ୍ତୁଲିଖୁଣ୍ଟି, ୨୯।୧୧(ଡି.ଏନ୍.ଏ.)

### ବ୍ଲକ ପ୍ରଶାସନ, ରାଜନେତା କାହାରି ପଡୁନି ଦୃଷ୍ଟି

ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପ ପାଇଁ ତଲଙ୍ଗ ଓ ଗୁରୁମାଇଗୁଡ଼ା ବୁଡ଼ି ଅଞ୍ଚଳ ଘୋଷିତ ହେଲା। ତତ୍କାଳୀନ ବିସ୍ଥାପନ ପ୍ୟାକେଜରେ ଗ୍ରାମବାସୀ ବିସ୍ଥାପିତ ହେଲେ। କିନ୍ତୁ ତଲଙ୍ଗ ଓ ଗୁରୁମାଇଗୁଡ଼ା ଜଳମଗ୍ନ ନ ହେବାରୁ କେତେଜଣ ବିସ୍ଥାପିତ ଫେରି ଆସିଲେ ତାଙ୍କ ଭିଟା ମାଟିକୁ। ଜଙ୍ଗଲ ଜମିରେ ଚାଷକରି ନିଜ ଜୀବିକା ଆରମ୍ଭ କରିଦେଲେ। ଗୁରୁବାର ବସୁଥିବା ସଲମତା ଗୁଡ଼ାହାଟରେ ଜଙ୍ଗଲ ଜମିର ଉତ୍ପାଦିତ ମାଣ୍ଡିଆ, ବିରି, ଲାଉ, ଝଟା ମଞ୍ଜି ବିକ୍ରି କରି ନିଜ ପରିବାର ଚଳାନ୍ତି। ଏହି ଗାଁର ଅନେକ ସମସ୍ୟା ରହିଛି। ମୂଳ ଜଳବନ୍ଦୀ ଗ୍ରାମ ଟାଙ୍ଗନିକୋଟ, ବାଗ୍ରା, ଗୁରୁମାଇଗୁଡା, ଝଲାଗୁଡ଼ାରୁ ଏହି ଗ୍ରାମ ଗୋଟିଏ ପାର୍ଶ୍ୱରେ ରହି ଯାଉଥିବାରୁ ଦୃଷ୍ଟି ଆଢୁଆଳରେ।

ତଲଙ୍ଗକୁ ଯିବା ପାଇଁ ଡଙ୍ଗାଘାଟରୁ ପ୍ରାୟ ୪ ରୁ ୫ କି.ମି. ଚାଲିବାକୁ ପଡ଼େ। ପ୍ରଶାସନ ଜଳବନ୍ଦୀ ଅଞ୍ଚଳ ପାଇଁ କେବଳ ଗୋଟିଏ ସ୍ୱତନ୍ତ୍ର ମୋଟରଚାଳିତ ଡଙ୍ଗାର ବ୍ୟବସ୍ଥା କରିଛନ୍ତି। ତାହା ଉକ୍ତ ୫ଜଳ ବନ୍ଦୀ ଗ୍ରାମର ଭୌଗୋଳିକ ସ୍ଥିତି ଅନୁସାରେ ଗ୍ରାମବାସୀଙ୍କ ପାଇଁ ସୁବିଧାଜନକ ହେଉନାହିଁ। ସାଧାରଣ ବଣ୍ଟନ ସାମଗ୍ରୀ ଆଣି କେନ୍ଦୁଗୁଡ଼ାଘାଟରୁ ଡଙ୍ଗାରେ ଯାଆନ୍ତି। ଓହ୍ଲାଇବା ପରେ ଚାଉଳ ବସ୍ତା ସହ ୫ରୁ ୬ କି.ମି. ଚାଲି ଘରକୁ ଯିବା କଷ୍ଟଦାୟକ। ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ଟଙ୍କାଟିଏରେ ୧କିଲୋ ଚାଉଳ ସିନା ମିଳୁଛି, ତାହାକୁ ଘର ଯାଏ ଆଣିବାରେ କିନ୍ତୁ ଦିନକର ରୋଜଗାର ହରାଇବାକୁ ପଡୁଛି। ରାସ୍ତା ପାଇଁ ବାରମ୍ବାର ବ୍ଲକ, ଜିଲା ପ୍ରଶାସନିକ ଅଧିକାରୀ ଏବଂ ଲୋକ ପ୍ରତିନିଧିଙ୍କୁ ଜଣାଇଲେ ମଧ୍ୟ ଫଳ ଶୂନ। ବ୍ରିଜ୍‌ଟିଏ ପାଇଁ ସରକାର ନିଷ୍ପତ୍ତି ନେଇ ୨ବର୍ଷ ବିତିବାକୁ ବସିଲାଣି ,କିନ୍ତୁ ଏଥିରେ କୌଣସି ଅଗ୍ରଗତି ନାହିଁ। ଜଳ ବନ୍ଦୀ ଅଞ୍ଚଳର ସମସ୍ୟା ଦେଖିବାକୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କଠାରୁ ଆରମ୍ଭକରି ସଚିବ, ଜିଲାପାଳ ଗସ୍ତ କରିଛନ୍ତି। କିନ୍ତୁ ଗମନାଗମନ ବ୍ୟବସ୍ଥାରେ କୌଣସି ସୁଧାର ନାହିଁ। ଲୋକଙ୍କ ଗମନାଗମନ ପାଇଁ ଇନ୍ଦ୍ରାବତୀ ଜଳଭଣ୍ଡାର ମଧ୍ୟରେ ସ୍ୱତନ୍ତ୍ର ମୋଟରଚାଳିତ ବୋଟ୍ ଖଣ୍ଡେ ନାହିଁ। ତେନ୍ତୁଳିଖୁଣ୍ଟି ବ୍ଲକ ଅଧୀନରେ ରହିଥିବା ଅନେକ ଗର୍ଭବତୀଙ୍କୁ ଜନନୀ ଯନ୍ତ୍ରଣାରେ ଛଟପଟ ହୋଇ ମୃତ୍ୟୁ ସହ ସଂଗ୍ରାମ କରିବାକୁ ପଡ଼ିଲା ଭଳି ନଜିର ମଧ୍ୟ ରହିଛି।

ଏଠାରେ ବିଜୁଳି ସାତସପନ। ସୋଲାର ଲାଇଟ ଖଣ୍ଡେ ଦେଇ କାମ ସାରି ଦେଇଛି ପ୍ରଶାସନ। ଗ୍ରାମରେ ମିନି ଅଙ୍ଗନୱାଡି ଖୋଲିଲେ କିନ୍ତୁ ସେଠାରେ ଉକ୍ତ ଗ୍ରାମର ଝିଅ କିମ୍ବା ବୋହୂଙ୍କୁ ଅଙ୍ଗନୱାଡି କର୍ମୀଭାବେ ନିଯୁକ୍ତି ମିଳିନାହିଁ। ଅନ୍ୟ ଅଞ୍ଚଳର ମହିଳା ଡଙ୍ଗାରେ ଆସି ୪/୫ କି.ମି. ଚାଲିଚାଲି ପହଞ୍ଚୁଛନ୍ତି। ତଲଙ୍ଗ ଗାଁର ପିଲାଙ୍କୁ ପଢ଼ିବାକୁ ୪ରୁ ୫କି.ମି. ଦୂର ଗୁରୁମାଇଗୁଡ଼ା ଯିବାକୁ ପଡ଼େ। ଗର୍ଭବତୀଙ୍କ ପାଇଁ ଗମନାଗମନ କଷ୍ଟକର।

ପାନୀୟଜଳ ଭଳି ସାଧାରଣ ମୌଳିକ ସୁବିଧା ଏମାନଙ୍କ ପାଇଁ ଅପହଞ୍ଚ ସଦୃଶ। ଜଳଭଣ୍ଡାର ପାଣିକୁ ସରକାର ବିଶୋଧିତକରି ୧୦ବ୍ଲକକୁ ଯୋଗାଇବାକୁ ମେଗା ଜଳ ଯୋଗାଣ ପ୍ରକଳ୍ପ କରିଛନ୍ତି। କିନ୍ତୁ ଜଳଭଣ୍ଡାରକୁ ଲାଗି ରହିଥିବା ଗ୍ରାମରେ ବିଶୁଦ୍ଧ ପାଣି ମିଳୁନାହିଁ।

ଅନ୍ଧାରରେ ରହୁଛନ୍ତି ସରଳ ନିରୀହ ଆଦିବାସୀ। କଳାହାଣ୍ଡି ଜଳବନ୍ଦୀ ଅଞ୍ଚଳରେ ସ୍ୱତନ୍ତ୍ରଭାବେ ଯୋଜନା କରାଯାଇ ବିଦ୍ୟୁତ୍ ସେବା ପହଞ୍ଚିଛି। ନବରଙ୍ଗପୁର ଜିଲା ଆଦିବାସୀ ଅଧ୍ୟୁଷିତ ତେନ୍ତୁଳିଖୁଣ୍ଟି ବ୍ଲକର ମଞ୍ଚାଗାଁ ପଞ୍ଚାୟତ ଅଧୀନରେ ଥିବା ଏହି ଜଳବନ୍ଦୀ ଗାଁଗୁଡ଼ିକ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇନାହିଁ। ଏ ନେଇ ତେନ୍ତୁଳିଖୁଣ୍ଟି ବିଡିଓ ଦୁର୍ଯ୍ୟୋଧନ ଭୋଇଙ୍କୁ ପଚାରିବାରୁ ତଲଙ୍ଗ ଅଞ୍ଚଳର ସମସ୍ୟା ସମ୍ପର୍କରେ ଅବଗତ ଅଛି। ସମାଧାନ ପାଇଁ ପଦକ୍ଷେପ ନିଆଯାଉଛି। ଏଥିପାଇଁ ସ୍ୱତନ୍ତ୍ର ଅନୁଦାନ ଆବଶ୍ୟକ। ଖୁବ୍‌ଶୀଘ୍ର ମୋଟର ଚାଳିତ ଡଙ୍ଗା ବ୍ୟବସ୍ଥା କରାଯାଉଛି ବୋଲି ସେ କହିଛନ୍ତି।

